# ଯାନ୍ତ୍ରିକ ବୁଣାଧାନ :
# ଏକ ସମ୍ବଳ ସଂରକ୍ଷଣ ଜ୍ଞାନକୌଶଳ

## MECHANISED DSR :
## A STEP TOWARDS SUSTAINABILITY, PROFITABILITY & RESOURCE CONSERVATION


ସମ୍ପାଦନା :

ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

# ଯାନ୍ତ୍ରିକ ବୁଣାଧାନ :
# ଏକ ସମ୍ବଳ ସଂରକ୍ଷଣ ଜ୍ଞାନକୌଶଳ


**ସମ୍ପାଦନା :**
ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ବିଷୟବସ୍ତୁ :**
ଡ. ଦ୍ୱିବେନ୍ଦୁ ମଣ୍ଡଳ
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)
ଡ. ମନୋଜ କୁମାର ଜେନା
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

**ସହଯୋଗିତା:**
ଡେଭିଡ୍ ଜେମସ୍ ବାଗେ
ବୈଜ୍ଞାନିକ (କୃଷି ସମ୍ପ୍ରସାରଣ)
ଆଶିଷ କୁମାର ମହାନ୍ତି
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)
ବିଦ୍ୟାଧର ଟୁଡୁ
କାର୍ଯ୍ୟକ୍ରମ ସହାୟକ (ବନ ବିଜ୍ଞାନ)

**ପ୍ରକାଶକ :**
କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧
ସୁନ୍ଦରଗଡ଼- ୭୭୦୦୭୩

**ପ୍ରକାଶ କାଳ :**
ଫେବୃଆରୀ - ୨୦୨୬

**ମୁଦ୍ରଣ :**
ଅସୀମା ପ୍ରିଣ୍ଟର୍ସ
୪୫୫, ନୂଆପଲ୍ଲୀ, ନୂଆସାହି
ଭୁବନେଶ୍ୱର-୭୫୧ ୦୧୨
ମୋ- ୯୪୩୭୧୧୨୦୮୯

**ପୁସ୍ତିକା ସଂଖ୍ୟା : ୫୦୦**


# Mechanised DSR :
# A Step towards Sustainability, Profitability & Resource Conservation


**EDITOR :**
Dr. Laxmipriya Pradhan
Senior Scientist & Head

**SUBJECT :**
Dr. Dibyendu Mondal
SMS (Agronomy)
Dr. Manoj Kumar Jena
Scientist (Soil Sc.)

**Assistance :**
Mr. David James Bage
Scientist (Agril. Extension)
Mr. Ashis Kumar Mohanty
Scientist (Horticulture)
Mr. Bidyadhar Tudu
PA (Forestry)

**Publisher:**
Krishi Vigyan Kendra, Sundargarh-I
Publishing Year: February, 2026

**Printed at :**
Asima Printers
455, Nuasahi, Nayapalli, BBSR-12
Mob: 9437112089

**No. of Copies: 500**

# ଯାନ୍ତ୍ରିକ ବୁଣାଧାନ: ଏକ ସମ୍ବଳ ସଂରକ୍ଷଣ ଜ୍ଞାନକୌଶଳ

ସୁନ୍ଦରଗଡ଼ ଜିଲ୍ଲାରେ ଧାନ ଏକ ପ୍ରମୁଖ ଫସଲ ଭାବରେ ପ୍ରାୟ ୧ ଲକ୍ଷ ୯୮ ହଜାର ୫୦୦ ହେକ୍ଟର ଜମିରେ ଚାଷ କରାଯାଇଥାଏ। ସମୁଦାୟ ଧାନ ଜମିରେ ୩୪% (୭୬,୦୦୦ ହେକ୍ଟର) ଡିପ ଜମି, ୪୨%% ମଝିଆଳି ଜମି (୯୫,୦୦୦ ହେକ୍ଟର) ଏବଂ ୨୪% ଖାଲ ଜମି (୫୫,୦୦୦ ହେକ୍ଟର)। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜିଲ୍ଲାରେ ସ୍ୱଳ୍ପ ଓ ଅନିୟମିତ ବର୍ଷା ଦେଖାଯାଉଛି। ବହୁ ସମୟରେ ମୌସୁମୀ ବିଳମ୍ବରେ ଆସୁଛି, ଏହା ଫଳରେ ଧାନ ଚାଷ ବିଳମ୍ବରେ ଆରମ୍ଭ ହେଉଛି ଓ ଅଳ୍ପ ବର୍ଷାର ପରିମାଣ ଧାନ ରୋଇବାରେ ବାଧା ସୃଷ୍ଟି କରୁଛି। ରୁଆ ଧାନରେ ତଳି ପକାଇବାଠାରୁ ଆରମ୍ଭ କରି କାଦୁଅ କରିବା ଓ ରୋଇବାରେ ବହୁତ ଜଳର ଆବଶ୍ୟକ ହୋଇଥାଏ ଏବଂ ବହୁତ ମଜୁରୀ ଲାଗିଥାଏ। ଏହି ସମସ୍ୟା ପରିପ୍ରେକ୍ଷୀରେ ଶୁଷ୍କ ଧାଡ଼ି ବୁଣା ବିଶେଷ ସହାୟକ ହେବା ସହିତ କମ୍ ଖର୍ଚ୍ଚରେ ଧାନ ଚାଷ କରାଯାଏ।

**ଶୁଷ୍କ ବୁଣାଧାନ କ'ଣ ?**



ରୁଆ କାର୍ଯ୍ୟ ନ କରି ସିଧାସଳଖ ଧାନ ବିହନକୁ ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ମୁଖ୍ୟ ଜମିରେ ବୁଣିବା ହିଁ ଶୁଷ୍କ ବୁଣାଧାନ ପଦ୍ଧତି। ବିହନ ବୁଣାଯିବାବେଳେ ମାଟି ଶୁଖିଲା ବା ଓଦା ରହିପାରେ, କିନ୍ତୁ କାଦୁଆ ହେବା ଦରକାର ନାହିଁ।

**ଜମି ପ୍ରସ୍ତୁତି ଓ ବୁଣିବା ପଦ୍ଧତି :**

ରୁଆଯାଉଥିବା ଜମିରେ ଧାନର ଶୁଷ୍କ ବୁଣା କାର୍ଯ୍ୟ କରାଯାଇପାରିବ। ଭଲ ଭାବେ ଗଛ ହେବା, ଜଳ ସଞ୍ଚୟ ଓ ଅଧିକ ଅମଳ ପାଇବା ନିମନ୍ତେ କିଆରୀକୁ ଉପଯୁକ୍ତ ଭାବେ ସମତୁଲ କରିବା ଆବଶ୍ୟକ। ଲେଜର ଲାଣ୍ଡ ଲେଭଲର ସାହାଯ୍ୟରେ ଜମିକୁ ସମତୁଲ କରାଯଇପାରିବ।



ଏହି ଯନ୍ତ୍ର ନ ମିଳିଲେ ପାରମ୍ପରିକ ଭାବେ ହଳ କରି ପଟା ଚଲାଇ ଜମିକୁ ସମତୁଲ କରାଯାଇପାରେ।

**ବୁଣିବା ପଦ୍ଧତି :** ଏହାକୁ ଦୁଇଟି ଉପାୟରେ କରାଯାଇପାରେ।

୧. **ବତର ବୁଣା :** ଜମିକୁ ୨-୩ ଥର ହଳ କରି ଜଳସେଚନ କରନ୍ତୁ ବା ବର୍ଷାକୁ ଅପେକ୍ଷା କରନ୍ତୁ ଯେପରି ମାଟି ସଂପୂର୍ଣ୍ଣ ଓଦା ହୋଇଯିବ। ଏହାପରେ ଜମିକୁ ହଳ କରି ମଇ ଦିଅନ୍ତୁ। ଏହାପରେ ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଧାନ ବୁଣାଯାଇଥାଏ। ବିହନ ବୁଣାଯନ୍ତ୍ର ପଛରେ ହାଲୁକା ମଇ ଚଳାଇ ଦେଲେ ମାଟିରେ ବିହନ ଚାପି ହୋଇରହିବ। ଜଳ ବାଷ୍ପୀକରଣ କମାଇବା ନିମନ୍ତେ ଏହି କାର୍ଯ୍ୟ ସନ୍ଧ୍ୟା ସମୟରେ କରିବା ଭଲ। ଏହି ପଦ୍ଧତି ଦ୍ୱାରା ମୃତ୍ତିକାରେ ଜଳ ସଂରକ୍ଷଣ ହୋଇଥାଏ।

୨. **ଶୁଖିଲା ଜମିରେ :** ଭଲ ଭାବେ ଚାଷ ହୋଇଥିବା (୨-୩ ଥର ହଳ ହେବା ପରେ ମଇଦେବା) ଶୁଷ୍କ ଜମିରେ ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଧାନ ବୁଣାଯାଏ। ଏହାପରେ ହାଲୁକା ଭାବେ ଜଳସେଚନ କରାଯାଏ ବା ବର୍ଷାକୁ ଅପେକ୍ଷା କରାଯାଏ। ଜଳସେଚନର ସୁବିଧା ବା ପାଣିପାଗ ଅବସ୍ଥାକୁ ଦୃଷ୍ଟିରେ ରଖି ବୁଣିବା ପଦ୍ଧତି ନିର୍ଦ୍ଧାରଣ କରାଯାଏ। ଯଦି ଜଳସେଚନର ସୁବିଧା ଥାଏ ଏବଂ ଶୀଘ୍ର ବୁଣିବା ପାଇଁ ଆଗ୍ରହ ଥାଏ, ତେବେ ଓଦା ଜମି ପଦ୍ଧତି ଉତ୍ତମ ଅଟେ। ଏହା ଦ୍ୱାରା ପ୍ରଥମ ୨-୩ ସପ୍ତାହ ପାଇଁ ଜଳସେଚନ ଦରକାର ହୋଇନଥାଏ ଏବଂ କମ୍ ସଂଖ୍ୟାରେ ଘାସ ହୋଇଥାଏ।

**ବିହନ ବୁଣା ଉପକରଣ :**

ଭଲ ଭାବେ ବୁଣାଯିବା ନିମନ୍ତେ ଆନତ ପ୍ଲେଟ୍ ସଂଯୁକ୍ତ ବା ଖୋପ ଥିବା ବିହନ ମିଟରିଂ ବ୍ୟବସ୍ଥା ରହିଥିବା ଏବଂ ଓଲଟା 'ଟି' ଆକାରର ସିଆର କରୁଥିବା ବିବିଧ ଫସଲ ବୁଣାଯନ୍ତ୍ର



(ବିହନ ଓ ସାର ବୁଣାଯନ୍ତ୍ର) ସାହାଯ୍ୟରେ ଟିଲର ଦ୍ୱାରା ଚାଳିତ ବିହନ ବୁଣାଯନ୍ତ୍ର ବା ସାର ଓ ବିହନ ବୁଣାଯନ୍ତ୍ର ବ୍ୟବହାର କରାଯାଇପାରିବ। ସମ୍ଭବ ହେଲେ ବୁଣିବା ପାଇଁ ଦୁଇ ଚକ ଟ୍ରାକ୍ଟର ପାଇଁ ଉଦ୍ଦିଷ୍ଟ ବିହନ ଓ ସାର ବୁଣାଯନ୍ତ୍ର ବ୍ୟବହାର କରାଯାଇପାରେ।



**ବୁଣିବା ସମୟ :**

ମେ ୧୫ ତାରିଖରୁ ଜୁନ୍ ୨୫ ତାରିଖ।

**ଉପଯୁକ୍ତ ସମୟ :**

ମୌସୁମୀ ବର୍ଷା ହେବାର ୧୦-୧୫ ଦିନ ପୂର୍ବରୁ ଅର୍ଥାତ୍ ମେ ମାସ ଶେଷ ସପ୍ତାହରୁ ଜୁନ୍ ମାସ ମଧ୍ୟଭାଗ ପର୍ଯ୍ୟନ୍ତ।

| ବିହନ କିସମ | ବୁଣିବା ସମୟ |
|---|---|
| ମଧ୍ୟମରୁ ବିଳମ୍ବ କିସମ (୧୩୫-୧୫୫ ଦିନ) | ମେ ୧୫ ତାରିଖରୁ ଜୁନ୍ ୨୫ ତାରିଖ |

ସଅଳ କିସମ ଧାନ (୯୦-୧୨୦ଦିନ) କେବଳ ଢିପ ଜମି ପାଇଁ ଉପଯୁକ୍ତ ଏବଂ ଏହା ଜୁନ୍ ୧୦ ତାରିଖରୁ ଜୁନ୍ ୨୫ ତାରିଖ ମଧ୍ୟରେ ବୁଣାଯାଇପାରିବ।

**ବିହନ ପରିମାଣ :** ସାଧାରଣ କିସମ ପାଇଁ ଏକର ପ୍ରତି ୧୨-୧୬ କି.ଗ୍ରା.।

**ବୁଣିବା ଗଭୀରତା :** ୨-୩ ସେ.ମି. (୩ ସେ.ମି.ରୁ ଅଧିକ ଗଭୀରରେ ବୁଣିବା ଅନୁଚିତ); ଧାଡ଼ିକୁ ଧାଡ଼ି ବ୍ୟବଧାନ ୨୦ ସେ.ମି.। କୋନେ ୱିଡ଼ର ବା ଶକ୍ତିଚାଳିତ ୱିଡ଼ର ବ୍ୟବହାର କରୁଥିଲେ ଧାଡ଼ିକୁ ଧାଡ଼ି ବ୍ୟବଧାନ ୨୫ ସେ.ମି. ହୋଇପାରିବ।

**ବିହନ ମାନ :** ପ୍ରମାଣୀକୃତ ବିହନ ବ୍ୟବହାର କରନ୍ତୁ।



**ବିହନ ବିଶୋଧନ :** ବୁଣିବା ପୂର୍ବରୁ ବିହନକୁ ଟେବୁକୋନାଜଲ (ପ୍ରତି କି.ଗ୍ରା. ବିହନ ସହିତ ୧ ମି.ଲି. ରାକ୍ସିଲ ଚାର୍ଜ) କିମ୍ବା କାର୍ବେଣ୍ଡାଜିମ୍ (ପ୍ରତି କି.ଗ୍ରା. ବିହନ ସହିତ ୨ ଗ୍ରାମ୍ ବାଭିଷ୍ଟିନ୍) ସହିତ



ମିଶାଇ ବିଶୋଧନ କରାଯାଇପାରେ। ମୃତ୍ତିକାରେ ଥିବା କୀଟ (ଉଇ) ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ କେବଳ ଇମିଡ଼ାକ୍ଲୋପ୍ରିଡ୍ (କି.ଗ୍ରା. ପ୍ରତି ୩ ମି.ଲି., ଗାଉଚୋ ୩୫୦ ଏଫ୍‌ଏସ୍) ବା ଟେବୁକୋନାଜଲ (କି.ଗ୍ରା. ପ୍ରତି ୦.୩ ମି.ଲି. ରାକ୍ସିଲ ଇସି) ସହିତ ମିଶାଇ ବିହନ ବିଶୋଧନ କରାଯାଇପାରେ। ପ୍ରତି କି.ଗ୍ରା. ବିହନ ସହିତ ୨ ଗ୍ରାମ୍ ଭିଟାଭାକ୍ସ ପାଓ୍ୱାର ମିଶାଇ ମଧ୍ୟ ବିଶୋଧନ କରାଯାଇପାରେ।

ଓଦା ଜମିରେ ବୁଣିବା ନିମନ୍ତେ ବିହନକୁ ଔଷଧ ମିଶା ପାଣିରେ ୧୦-୧୨ ଘଣ୍ଟା ରଖନ୍ତୁ। ଏହାକୁ ୧-୨ ଘଣ୍ଟା ଛାଇରେ ଶୁଖାଇ ଜମିରେ ବୁଣନ୍ତୁ।

ଜଳରେ ଭିଜା ଯୋଇଥିବା ବିହନକୁ ଶୁଖିଲା ଜମିରେ ବୁଣନ୍ତୁ ନାହିଁ। ଖୋପଯୁକ୍ତ ରୋଲର ଥିବା ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଏହାକୁ ବୁଣନ୍ତୁ ନାହିଁ।

**ବିହନ ନିର୍ବାଚନ :**

- ଖାଲ ଓ ମଝାଳିଆ ଜମି : ସ୍ୱର୍ଣ୍ଣ ସବ୍-୧, ସ୍ୱର୍ଣ୍ଣ, ପୂଜା, ସିଆର୍ ୧୦୦୯, ସିଆର ୧୦୧୮, ରାଣୀଧାନ, ସାବିତ୍ରୀ, ପ୍ରତୀକ୍ଷା।
- ଡିପ ଜମି: ସହଭାଗୀ ଧାନ, ଲଲାଟ, ଖଣ୍ଡଗିରି।

**ଘାସ ପରିଚାଳନା :**

**କର୍ଷଣ ପଦ୍ଧତି :** ସଢ଼ାଇବା ପଟାଳି (ଷ୍ଟେଲ୍ ବେଡ୍) ପଦ୍ଧତିରେ ଘାସ ଓ ବାଲୁଙ୍ଗା ଦମନ ସୁବିଧାଜନକ ହୋଇଥାଏ। ଏହି ପଦ୍ଧତିରେ ଧାନ ବୁଣିବାର ୧୫-୨୫ ଦିନ ପୂର୍ବରୁ ଜମିରେ ଜଳସେଚନ କରି (ବା ବର୍ଷା ଦ୍ୱାରା) ଘାସ ମଞ୍ଜିରୁ ଗଜା ହେବାକୁ ଉତ୍ସାହିତ କରାଯାଏ। ଏହାପରେ ସର୍ବମାରୀ ଘାସମରା ଔଷଧ (ଗ୍ଲାଇଫୋସେଟ୍ ବା ପାଟାକ୍ୱାଟ) ବ୍ୟବହାର କରିବା, ହାଲୁକା ଭାବେ ହଳ କରି ଘାସ ଦମନ କରାଯାଇଥାଏ।



**ରାସାୟନିକ ପଦ୍ଧତି :** ବୁଣାଧାନରେ ଘାସ ଗଜା ହେବା ପୂର୍ବରୁ ଓ ଘାସ ଗଜା ହେବା ପରେ ରାସାୟନିକ ଔଷଧ ବ୍ୟବହାର କରି ଘାସ ଦମନ କରାଯାଇପାରିବ।

**ଘାସ ଗଜା ହେବା ପୂର୍ବର ଔଷଧ -** ଏକର ପ୍ରତି ୬୫୦ ମି.ଲି. ପ୍ରେଟିଲାକ୍ଲୋର ସହିତ ସାଫନର ୩୦.୭ ଇ.ସି. (ସୋଫିଟ୍) ବା ଏକର ପ୍ରତି ୪୫ ଗ୍ରାମ୍ ଅକସିଡ଼ାୟାର୍ଜିଲ୍ ୮୦ ଡବ୍ଲ୍ୟୁ.ପି. (ଟପ୍ ଷ୍ଟାର) ବ୍ୟବହାର କରନ୍ତୁ। ଏଥିରୁ ଯେକୌଣସି ଗୋଟିଏ ଔଷଧ ବ୍ୟବହାର ହେବ।

**ପ୍ରୟୋଗ ସମୟ :** ବତର ବୁଣା କ୍ଷେତ୍ରରେ ବୁଣିବା ଦିନ ଏବଂ ଶୁଖିଲା ଜମି କ୍ଷେତ୍ରରେ ବୁଣିବା / ଜଳସେଚନ / ବୃଷ୍ଟିପାତର ୧-୩ ଦିନ ପରେ ରାସାୟନିକ ଔଷଧ ପ୍ରୟୋଗ କରିବାକୁ ହେବ। ଏକର ପ୍ରତି ୧୫୦-୨୦୦ ଲିଟର (୧୦-୧୩ ଟାଙ୍କି) ଜଳ ବ୍ୟବହାର କରିବା ଉଚିତ।

**ଘାସ ଗଜା ହେବାପର ଔଷଧ :** ଘାସର ଉପସ୍ଥିତି ଅନୁଯାୟୀ ଯେକୌଣସି ଗୋଟିଏ ଔଷଧ ବ୍ୟବହାର କରାଯାଇପାରେ। ଏକର ପ୍ରତି ୧୦୦ ମି.ଲି. ବାଇସ୍ପିରିବାକ୍ ସୋଡ଼ିଅମ୍ ୧୦ ଏମ୍.ଏଲ୍. ଓ ୮୦ ଗ୍ରାମ୍ ପାଇରାଜୋସଲଫ୍ୟୁରନ୍ (ସାଥି)ର ମିଶ୍ରଣ କିମ୍ବା ୫୦୦ ମି.ଲି. ସାଫନର ସହିତ ଫେନୋକ୍ସାପ୍ରପ-ପି-ଇଥାଇଲ୍ (ରାଇସ୍ ଷ୍ଟାର) ଓ ୪୮ ଗ୍ରାମ୍ ଇଥକ୍ସି ସଲଫ୍ୟୁରନ୍ (ସନ୍‌ରାଇସ୍)ର ମିଶ୍ରଣ ବ୍ୟବହାର କରାଯିବା ଦରକାର। ସରୁ ପତ୍ର ଘାସ, ଚଉଡ଼ା ପତ୍ର ଘାସ ଓ ପାଣି ଘାସ ଦମନ ପାଇଁ ଏହା ଉପଯୁକ୍ତ। ଅଧିକ ମୁଥା ଥିଲେ ବାଇସ୍ପିରିବାକ୍ ଓ ପାଇରାଜୋସଲଫ୍ୟୁରନ୍ ପ୍ରୟୋଗ କରିବା ଉଚିତ୍। ଅଧିକ ପରିମାଣର ବିଲୁଆ ଲାଙ୍ଗି ଘାସ ଓ କାଉଗୋଡ଼ିଆ ଘାସ ରହିଥିଲେ ଫେନୋକ୍ସାପ୍ରପ ଓ ଏଥାକ୍ସି ସଲଫ୍ୟୁରନ୍ ବ୍ୟବହାର କରିବା ଉଚିତ୍।



**ପ୍ରୟୋଗ ସମୟ ଓ ପ୍ରୟୋଗ ବିଧି :** ପୁଣିବାର ୧୫-୨୫ ଦିନ ପରେ ଘାସ ଗଛଗୁଡ଼ିକ ୩-୪ ପତ୍ରର ହୋଇଗଲେ ଏହି ଔଷଧକୁ ଏକର ପ୍ରତି ୧୨୦-୧୫୦ ଲିଟର (୮-୧୦ ଟାଙ୍କି) ପାଣି ସହ ମିଶାଇ ପ୍ରୟୋଗ କରିବା ଉଚିତ୍। ଭଲ ଭାବେ ସ୍ପ୍ରେ କରିବା ପାଇଁ ବହୁ ନୋଜଲ ବିଶିଷ୍ଟ ସ୍ପ୍ରେୟର ବ୍ୟବହାର କରାଯାଇପାରେ।

**ହାତରେ ଘାସ ଦମନ :** ଘାସମରା ଔଷଧରୁ ବଞ୍ଚି ଯାଇଥିବା ଘାସ ମାରିବା ପାଇଁ ହାତରେ ବା ୱିଡ଼ର ସାହାଯ୍ୟରେ ଥରେ ଘାସ ଦମନ କରିବା ଉଚିତ୍।

**ଖାଦ୍ୟସାର ପରିଚାଳନା :** ପରିମାଣ ନିର୍ଣ୍ଣୟ ଜମି ଓ କିସମ ଅନୁସାରେ ସଠିକ୍ ଭାବେ ଖାଦ୍ୟସାର ନିମନ୍ତେ 'ରାଇସ୍ କ୍ରପ ମ୍ୟାନେଜର' ବ୍ୟବହାର କରିବା ଉଚିତ୍। ଏହା (http://webapps.irri.org/in/od/rcm)ରେ ଉପଲବ୍ଧ ଅଛି। ଏହା ସମ୍ଭବ ନ ହେଲେ ନିମ୍ନମତେ ଖାଦ୍ୟସାର ପ୍ରୟୋଗ କରାଯାଇପାରେ।

| ସାରର ନାମ | ସାର ପରିମାଣ (କି.ଗ୍ରା. / ଏକର) | | | |
|---|---|---|---|---|
| | ବୁଣିବା ବେଳେ | ବୁଣିବାର ୧୫-୨୫ ଦିନ ପରେ | ପିଲ ହେବାବେଳେ | ଥୋଡ଼ ହେବାବେଳେ |
| ଡି.ଏ.ପି. | ୩୫ | - | - | - |
| ୟୁରିଆ | - | ୨୦* (କେବଳ ମଧ୍ୟମ ବା ବିଳମ୍ବ କିସମ ପାଇଁ) | ୩୦-୩୫ | ୩୦୩୩୫ |
| ମ୍ୟୁରେଟ୍ ଅଫ୍ ପଟାସ | ୧୫-୨୦ | - | - | ୧୫-୨୦ |
| ଜିଙ୍କ୍ ସଲ୍ଫେଟ୍ | ୧୦ | - | - | - |

* ପ୍ରଥମ ଜଳସେଚନ ବା ବର୍ଷା ହେଲେ ପ୍ରୟୋଗ କରିବା ଉଚିତ୍।

କିସମ ଉପରେ ନିର୍ଭର କରି ପିଲ ଅବସ୍ଥା ଓ ଥୋଡ଼ ଅବସ୍ଥା ଭିନ୍ନ ଭିନ୍ନ ସମୟରେ ହୋଇଥାଏ। ସଅଳ କିସମ ପାଇଁ ବୁଣିବାର ୨୫-୩୦ ଦିନରେ ପିଲ ଅବସ୍ଥା ଓ ୪୩-୪୭ ଦିନ ପରେ ଥୋଡ଼ ଅବସ୍ଥା; ମଧ୍ୟମ କିସମ ପାଇଁ ୩୧-୩୫ ଦିନ ପରେ ପିଲ ଅବସ୍ଥା ଓ ୫୫-୫୭ ଦିନ ପରେ ଥୋଡ଼ ଅବସ୍ଥା ଏବଂ ବିଳମ୍ବ କିସମ ପାଇଁ ୪୧-୪୫ ଦିନ ପରେ ପିଲ ଅବସ୍ଥା ଓ ୭୩-୭୭ ଦିନ ପରେ ଥୋଡ଼ ଅବସ୍ଥା ଆସିଥାଏ।

ଅଣୁସାର (ଲୌହ ଓ ଦସ୍ତା) ଅଭାବ ପାଇଁ : ଦସ୍ତା ଅଭାବ ଦୂର କରିବା ପାଇଁ ଶତକଡ଼ା ୧ ଭାଗ ୟୁରିଆ ସହିତ ୦.୫ ଭାଗ ଜିଙ୍କ୍ ସଲ୍ଫେଟ୍ ସ୍ପ୍ରେ କରିବା ଉଚିତ୍। ଲୌହ ଅଭାବ ଥିଲେ ଶତକଡ଼ା ୦.୫ ଭାଗ ଫେରସ୍ ସଲ୍ଫେଟ୍ ସ୍ପ୍ରେ କରିବା ଦରକାର। ଉଭୟର ଅଭାବ ଥିଲେ ସପ୍ତାହ ବ୍ୟବଧାନରେ ଉଭୟ ଖାଦ୍ୟସାରକୁ ୨-୩ ଥର ସ୍ପ୍ରେ କରିବାକୁ ପଡ଼ିବ।

**ଜଳ ପରିଚାଳନା:**

ବତର ବୁଣା କରୁଥିଲେ ପାଣିପାଗ ଉପରେ ନିର୍ଭର କରି ବୁଣିବାର ୧୦-୨୧ ଦିନ ପରେ ଜଳସେଚନ କରିବାକୁ ହେବ। ବର୍ଷା ନ ହେଲେ ପ୍ରତି ସପ୍ତାହ ବ୍ୟବଧାନରେ ଜଳସେଚନ କରିବା ଆବଶ୍ୟକ। ଶୁଷ୍କ ଜମିରେ ବୁଣିଥିଲେ ବୁଣିବାର ୪-୫ ଦିନ ପରେ ଜଳସେଚନ କଲେ ଭଲ ଗଜା ହୋଇଥାଏ। ଓଦା ଜମି ବୁଣା ପରେ ପରବର୍ତ୍ତୀ ଜଳସେଚନ କରାଯିବା ଉଚିତ୍। ଦୁଇଟି ସଙ୍କଟ ଅବସ୍ଥା ଯଥା- ଥୋଡ଼ ଅବସ୍ଥା ଓ ଦାନା ପୂରଣ ଅବସ୍ଥାରେ ଜଳ ଅଭାବ ହେବା ଉଚିତ୍ ନୁହେଁ। ମଟାଳ ମାଟିର ଅତି ସରୁ ଫାଟ ଦେଖାଗଲେ ଜଳସେଚନ କରିବା ଉଚିତ୍।

**ରୋଗପୋକ ପରିଚାଳନା:**

ରୁଆଧାନ ପରି କରାଯିବ।